# NATIONAL NEWS BULLETIN (ODIA)

## 25 June - 2024

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଲୋକସଭାର ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପକ୍ଷରୁ ବିଜେପିର ଓମ୍ ବିର୍ଲା ଏବଂ ବିରୋଧୀ ଇଣ୍ଡିମେଣ୍ଟ ପକ୍ଷରୁ କଂଗ୍ରେସର କେ. ସୁରେଶଙ୍କ ନାମାଙ୍କନ ପତ୍ର ଦାଖଲ ।

\- ଆସନ୍ତାକାଲି ହେବ ନିର୍ବାଚନ ।

- ନିଟ୍ ୟୁଜି - ୨୦୨୪ ପରୀକ୍ଷାର ଅନିୟମିତତା ଅଭିଯୋଗ ନେଇ ୩ଟି ରାଜ୍ୟର ୫ଟି ମାମଲା ସିବିଆଇକୁ ହସ୍ତାନ୍ତର ।

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ସପ୍ତମ ପ୍ରାକ୍ ବଜେଟ୍ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ।

- ଦୂରସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ ସ୍ପେକ୍ଟ୍ରମ ନିଲାମ ପ୍ରକ୍ରିୟା ଆରମ୍ଭ ।

ଏବଂ

- ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପ୍ ପ୍ରତିଯୋଗିତାରେ ଚତୁର୍ଥ ଦଳ ଭାବେ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲା ଆଫଗାନିସ୍ତାନ ।

---

# ଲୋକସଭା-ସ୍ପିକର

ବିଜେପିର ବରିଷ୍ଠ ସଦସ୍ୟ ଓମ୍ ବିର୍ଲା ଲୋକସଭା ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀ ହୋଇଥିବାବେଳେ ବିରୋଧୀ ଇଣ୍ଡିମେଣ୍ଟ ପକ୍ଷରୁ କଂଗ୍ରେସର କେ. ସୁରେଶଙ୍କୁ ପ୍ରାର୍ଥୀ କରାଯାଇଛି । ବାଚସ୍ପତି ପଦ ପାଇଁ ଆସନ୍ତାକାଲି ନିର୍ବାଚନ ହେବ । ଉଭୟ ପ୍ରାର୍ଥୀ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୂର୍ବରୁ ଏହି ପଦ ପାଇଁ ସରକାର ଏବଂ ବିରୋଧୀ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ସହମତି ପ୍ରକାଶ ପାଇନଥିଲା ।

କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବିଜେପିର ବରିଷ୍ଠ ନେତା ରାଜନାଥ ସିଂହ, ଅମିତ ଶାହା ଏବଂ ଜେ.ପି. ନଡ୍ଡା ବାଚସ୍ପତି ପଦ ନେଇ କଂଗ୍ରେସର କେ.ସି.ବେଣୁଗୋପାଳ ଏବଂ ଡିଏମ୍‌କେ ସଦସ୍ୟ ଟି.ଆର୍.ବାଲୁଙ୍କ ସହ ଆଲୋଚନା କରିଥିଲେ । ତେବେ ଶ୍ରୀ ବିର୍ଲାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବା ପ୍ରତିବଦଳରେ ବିରୋଧୀ ପକ୍ଷ ଉପ ବାଚସ୍ପତିଙ୍କ ନାମ ଘୋଷଣା କରିବାକୁ ଜିଦ୍ ଧରିଥିଲେ । ତେବେ ଉପ ବାଚସ୍ପତି ପ୍ରସଙ୍ଗରେ ନିର୍ବାଚନ ସମୟରେ ଆଲୋଚନା କରାଯିବ ବୋଲି ସେମାନଙ୍କୁ କୁହାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ବିରୋଧୀ ପକ୍ଷଙ୍କ ଏଭଳି ସର୍ତ୍ତକୁ ସରକାର ପ୍ରତ୍ୟାଖାନ କରିଛି ।

ତେବେ ପୂର୍ବରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ପ୍ରତିବଦଳରେ ବିରୋଧୀ ପକ୍ଷକୁ ଉପ ବାଚସ୍ପତି ପଦ ଛାଡିବା ଲାଗି ପ୍ରସ୍ତାବ ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ଶ୍ରୀ ଗାନ୍ଧୀ କହିଥିଲେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ’

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଫୋନ୍ କରି ବାଚସ୍ପତି ପଦ ପାଇଁ ସମର୍ଥନ ମାଗିଥିଲେ ।

ଆମ ସମ୍ବାଦଦାତା କହିଛନ୍ତି ସ୍ୱାଧୀନତା ପରଠାରୁ ଲୋକସଭା ବାଚସ୍ପତି ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇ ଆସିଥିବାବେଳେ ଚଳିତ ଅଷ୍ଟାଦଶ ଲୋକସଭାରେ ପ୍ରଥମଥର ଲାଗି ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

## ସିବିଆଇ-ନିଟ୍

ନିଟ୍ ୟୁଜି ୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ତଦନ୍ତ କରୁଥିବା ସିବିଆଇ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ୫ଟି ମାମଲାକୁ ହାତକୁ ନେଇଛି । ସେଥିମଧ୍ୟରେ ବିହାର ଓ ଗୁଜୁରାଟରୁ ଗୋଟିଏ ଲେଖାଏଁ ଏବଂ ରାଜସ୍ଥାନରୁ ୩ଟି ମାମଲା ଅନ୍ତର୍ଭୁକ୍ତ । ମହାରାଷ୍ଟ୍ରର ଲାଟୁରରେ ଥିବା ଅନ୍ୟଏକ ମାମଲାକୁ ମଧ୍ୟ ସିବିଆଇ ହାତକୁ ନେବ ବୋଲି ଜଣାପଡିଛି । ବିହାର ପୁଲିସ ଦ୍ୱାରା ଦାୟର ହୋଇଥିବା ମାମଲାଟି ପ୍ରଶ୍ନପତ୍ର ପ୍ରଘଟ ଆଧାରିତ ହୋଇଥିବାବେଳେ ଅନ୍ୟ ୪ଟି ମାମଲା ପରୀକ୍ଷାର୍ଥୀ, ସ୍ଥାନୀୟ ଅଧିକାରୀ ଏବଂ ପରୀକ୍ଷା ନିରୀକ୍ଷକଙ୍କ ଦୁର୍ନୀତି ଅଭିଯୋଗ ସମ୍ପର୍କିତ ବୋଲି ସିବିଆଇ ସୂଚନା ଦେଇଛି ।

ଅନ୍ୟପକ୍ଷରେ ଏହି ପରୀକ୍ଷାରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡିତ ତଥା ସହାୟତା ପ୍ରଦାନ କରିବା ନେଇ ଏକ ର୍ୟାକେଟ୍‌ରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ମହାରାଷ୍ଟ୍ରର ଏଟିଏସ୍ ଗିରଫ କରିଥିବା ଜଣେ ଶିକ୍ଷକ

ଜଲିଲ ଖାନ୍ ପଠାନଙ୍କୁ ଗତକାଲି କୋର୍ଟ ଚାଲାଣ କରାଯାଇଥିଲା । ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ କୋର୍ଟ ତାଙ୍କୁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ତେବେ ଅନ୍ୟ ୨ଜଣ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି । ନାନ୍ଦେଡ ପୁଲିସ କହିଛି ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀ ଯିବାର ବ୍ୟବସ୍ଥା ହୋଇଛି ।

## ନିଟ୍-ରିଭ୍ୟୁ ମିଟିଂ

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଜରିଆରେ ହେଉଥିବା ପରୀକ୍ଷାରେ ସ୍ୱଚ୍ଛତା ତଥା ନିରପେକ୍ଷତା ଅବଲମ୍ବନ କରିବା ଲକ୍ଷ୍ୟରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ଗତକାଲି ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୂଲ୍ୟାୟନ, ତଥ୍ୟ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି ନେଇ ଆଲୋଚନା ହୋଇଥିଲା । ଡକ୍ଟର ରାଧାକ୍ରିଷ୍ଣନ କହିଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ତଥା ସେମାନଙ୍କର ଚାପକୁ ହ୍ରାସ କରିବା ଲାଗି ଏକ ଦୃଢ଼ ତଥା ବିକଶିତ ବ୍ୟବସ୍ଥା କରାଯିବ । ପରୀକ୍ଷା ପଦ୍ଧତିରେ ଆବଶ୍ୟକ ସଂସ୍କାର ପାଇଁ କମିଟି ସୁପାରିଶ କରିବ ବୋଲି ସେ କହିଛନ୍ତି । ଏଥିପାଇଁ ଶିକ୍ଷା ମନ୍ତ୍ରଣାଳୟ କମିଟିକୁ ଦୁଇମାସ ସମୟ ପ୍ରଦାନ କରିଛି । ସୂଚନାଯୋଗ୍ୟ ଇସ୍ରୋର

ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଶିକ୍ଷା ମନ୍ତ୍ରଣାଳୟ ଏହି ୭ଜଣିଆ କମିଟି ଗଠନ କରିଛି ।

## ଏଫ୍‌ଏମ୍‌-ପ୍ରି ବଜେଟ୍ ମିଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ସପ୍ତମ ପ୍ରାକ୍ ବଜେଟ୍ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କ ଚୌଧୁରୀ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ, ଅର୍ଥସଚିବ ଟି.ଭି. ସୋମନାଥନ, ବ୍ୟୟ ବିଭାଗ, ଅର୍ଥନୈତିକ ବ୍ୟାପାର ଏବଂ ବାଣିଜ୍ୟ ଶିଳ୍ପ ମନ୍ତ୍ରଣାଳୟର ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ଗତ ସପ୍ତାହରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ସହ ଶ୍ରୀମତୀ ସୀତାରମଣ ଏକ ବୈଠକରେ ଆଲୋଚନା କରିଥିଲେ । ସେ କୃଷକ ସଂଗଠନର ପ୍ରତିନିଧି ଏବଂ କୃଷି ଅର୍ଥନୀତିଜ୍ଞଙ୍କ ସହ ମଧ୍ୟ ବଜେଟ୍ ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି ।

## ତେଲେଙ୍ଗାନା-ଡିଫେନ୍ସ ଆଣ୍ଡ୍ ହାଉସିଂ

ହାଇଦ୍ରାବାଦ ସହରରେ ରାସ୍ତା ପ୍ରଶସ୍ତିକରଣ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ପ୍ରତିରକ୍ଷା ଜମିରୁ ୨ହଜାର ୫୦୦ ଏକର ପ୍ରଦାନ କରିବାକୁ ତେଲେଙ୍ଗାନା ସରକାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଗତକାଲି ନୂଆଦିଲ୍ଲୀଠାରେ ରାଜନାଥ ସିଂହଙ୍କୁ ଭେଟି ଏନେଇ ଏକ ସ୍ମାରକପତ୍ର ପ୍ରଦନା କରିଛନ୍ତି । ଇମାରତ୍ ଗବେଷଣା କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ରବିରାଲା ଗ୍ରାମର ୨ହଜାର ୪୬୨ ଏକର ଜମିକୁ ପ୍ରତିବଦଳରେ ଗ୍ରହଣ କରିବାକୁ ଶ୍ରୀ ରେଡ୍ଡୀ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ରାଜ୍ୟ ସରକାର ଏବଂ ପ୍ରତିରକ୍ଷା ବିଭାଗର ପାରସ୍ପରିକ ଜମି ହସ୍ତାନ୍ତର ପ୍ରସ୍ତାବକୁ ଗ୍ରହଣ କରିବାକୁ ଏହି ଅବସରରେ ସେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଚଳିତବର୍ଷ ବିଏଲ୍ଏସ୍ ଯୋଜନା ଅଧୀନରେ ତେଲେଙ୍ଗାନାକୁ ୨ଲକ୍ଷ ୭୦ହଜାର ଆବାସ ମଞ୍ଜୁର କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି । ଶ୍ରୀ ରେଡ୍ଡୀ କହିଛନ୍ତି ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ୨୫ଲକ୍ଷ ଆବାସ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# ପିଏମ୍-ଏମରଜେନ୍ସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୯୭୫ର ଜରୁରୀକାଳୀନ ପରିସ୍ଥିତିକୁ ପ୍ରତିରୋଧ କରିଥିବା ସମସ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ତତ୍କାଳୀନ କଂଗ୍ରେସ ସରକାର ଗଣତାନ୍ତ୍ରିକ ନୀତିକୁ ଅଣଦେଖା କରିଥିଲେ । ଏହା ମାଧ୍ୟମରେ

ଦେଶବାସୀଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି । ସେହି ପରିସ୍ଥିତିକୁ ମନେପକାଇ ଦେଶବାସୀ ବାରମ୍ବାର କଂଗ୍ରେସ ଦଳ ପ୍ରତ୍ୟାଖ୍ୟାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଦୂରସଂଚାର ବିଭାଗ

କେନ୍ଦ୍ର ଦୂରସଂଚାର ମନ୍ତ୍ରଣାଳୟ ପକ୍ଷରୁ ଆଜି ୯୬ହଜାର ୩୧୭ କୋଟି ୬୫ ଲକ୍ଷ ଟଙ୍କାର ସ୍ପେକ୍ଟ୍ରମ୍ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ମନ୍ତ୍ରଣାଳୟ କହିଛି ଏହି ନିଲାମୀରେ ୧୦ହଜାର ୫୨୨ ଦଶମିକ ୩/୫ ମେଗାହର୍ଜ ସ୍ପେକ୍ଟ୍ରମକୁ ସାମିଲ କରାଯାଇଛି । ମନ୍ତ୍ରଣାଳୟ କହିଛି ଆସନ୍ତା ୨୦ବର୍ଷ ପର୍ଯ୍ୟନ୍ତ ଏହି ସ୍ପେକ୍ଟ୍ରମକୁ ଉପଯୋଗ କରିବା ପାଇଁ ଅନୁମତି ପ୍ରଦାନ କରାଯିବ । ତେବେ ଆବଶ୍ୟକ ପଡିଲେ ନିଲାମଧାରୀ ୧୦ବର୍ଷ ପରେ ସ୍ପେକ୍ଟ୍ରମକୁ ଫେରସ୍ତ ଦେଇପାରିବେ । ଗତ ମାର୍ଚ୍ଚ ମାସ ୮ ତାରିଖରେ ଦୂରସଂଚାର ବିଭାଗ -ଡିଓଟି ପକ୍ଷରୁ  ସ୍ପେକ୍ଟ୍ରମ ନିଲାମୀ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଅନ୍‌ଲାଇନ୍ ମାଧ୍ୟମରେ ଏହି ନିଲାମି ପ୍ରକ୍ରିୟା କରାଯାଉଛି ବୋଲି ଦୂରସଂଚାର ବିଭାଗ ସୂଚନା ଦେଇଛି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଫ୍‌ଗାନିସ୍ତାନ' ବାଂଲାଦେଶକୁ ୮ ରନ୍‌ରେ ପରାସ୍ତ କରିଛି । କିଙ୍ଗ୍‌ସଟାଉନ୍‌ଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୧୫ ରନ୍ ସଂଗ୍ରହ କରିଥିଲା । ଡିଏଲ୍‌ଏସ୍ ପଦ୍ଧତି ଅନୁଯାୟୀ ବାଂଲାଦେଶ ସମ୍ମୁଖରେ ୧୯ ଓଭରରେ ୧୧୪ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତେବେ ବାଂଲାଦେଶ ୧୭ଓଭର ୫ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୦୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ନବୀନ୍ ଉଲ୍ ହକ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଏହି ବିଜୟ ସହ ଆଫଗାନିସ୍ତାନ ସେମିଫାଇନାଲକୁ ଚତୁର୍ଥ ଦଳ ଭାବେ ଉନ୍ନୀତ ହୋଇଛି । ପୂର୍ବରୁ ଦ୍ୱିତୀୟ ଗ୍ରୁପ୍‌ରୁ ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ଓ ପ୍ରଥମ ଗ୍ରୁପ୍‌ରୁ ଭାରତ ସେମିଫାଇନାଲ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ସେମିଫାଇନାଲ ପର୍ଯ୍ୟାୟରେ ଆସନ୍ତା ଗୁରୁବାର ଦିନ ଗାଏନାଠାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ଦ୍ୱିତୀୟ ସେମିଫାଇଲରେ ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ପରସ୍ପରକୁ ଭେଟିବେ ।